ଟ 10.00
ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ
NEHRU BAL PUSTAKALAYA
ମୁଠୁର ସ୍ୱପ୍ନ
କାମାକ୍ଷି ବାଲସୁବ୍ରମଣ୍ୟନ୍
ଅଳଙ୍କରଣ
ତାପସ ଗୁହ
Digitized by srujanika@gmail.com

ISBN-81-237-0279-9

1993 (ଶକାବ୍ଦ 1914)

© କାମାକ୍ଷି ବାଳସୁବ୍ରମଣ୍ୟନ୍, 1990
ଓଡ଼ିଆ ଅନୁବାଦ © ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, 1993

ଟ 10.00

Muthu's Dream *(Oriya)*

ନିର୍ଦ୍ଦେଶକ, ନ୍ୟାସନାଲ୍ ବୁକ ଟ୍ରଷ୍ଟ, ଇଣ୍ଡିଆ, ଏ - 5,
ଗ୍ରୀନ୍ ପାର୍କ, ନୂଆଦିଲ୍ଲୀ - 110 016 କର୍ତ୍ତୃକ ପ୍ରକାଶିତ।

ନେହେରୁ ବାଳ ପୁସ୍ତକାଳୟ

ମୁଠୁର ସ୍ୱପ୍ନ

କାମାକ୍ଷି ବାଳସୁବ୍ରମଣ୍ୟନ୍
ଅଳଙ୍କରଣ
ତାପସ ଗୁହ
ଅନୁବାଦ
ଶୈଳବାଳା ମହାପାତ୍ର

ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by srujanika@gmail.com

ମୁନୁ ବୋଲି ଛୋଟ ପିଲାଟିଏ ଥିଲା ।
ଗୋଟିଏ ଛୋଟ କୁଡିଆ ଘରେ ସେ ତା'ର ବାପା, ମା'
ଏବଂ ଭାଇ ଭଉଣୀମାନଙ୍କ ସହିତ ରହୁଥିଲା ।

Digitized by srujanika@gmail.com

ପ୍ରତିଦିନ ସକାଳେ ତା'ର ବାପା ଓ ମା' କ୍ଷେତରେ କାମ କରିବାକୁ ବାହାରି ଯାଉଥିଲେ ।





ତା'ର ଭାଇମାନେ କ୍ଷେତ ମାଲିକଙ୍କର ଗାଈ
ଗୋରୁ ନେଇ ଚରାଇବାକୁ ଯାଉଥିଲେ ।

Digitized by srujanika@gmail.com



ଏବଂ ଭଉଣୀମାନେ ଜାଳେଣୀ କାଠ ସଂଗ୍ରହ କରିବାକୁ ବଣକୁ ଯାଉଥିଲେ ।

ମୁଠୁ ପୁରା ଏକାକୀ ରହୁଥିଲା ।

କିନ୍ତୁ ସେ ଏକୁଟିଆ ନଥିଲା । ସେ ଗୋଟିଏ ନିମ୍ବ ଚାଇରେ ବସି ପଢୁଥିଲା ଓ ଚମତ୍କାର ସ୍ୱପ୍ନମାନ ଦେଖୁଥିଲା ।

Digitized by srujanika@gmail.com

ଯେତେବେଳେ ସେ ପକ୍ଷୀଟିଏ ଉଡିବାର ଦେଖୁଥିଲା, ସେ କଳ୍ପନା କରୁଥିଲା ଯେ ସେ ବି ଦିନେ ଏଇ ପକ୍ଷୀଭଳି ଉଡିପାରିବ ।

ଯେତେବେଳେ ସେ ପୋଖରୀରେ ମାଛ ଗୁଡିକୁ ଖେଳିବାର ଦେଖୁଥିଲା, ସେ ସ୍ୱପ୍ନ ଦେଖୁଥିଲା ଯେ ସେ ମଧ୍ୟ ଦିନେ ପାଣି ତଳେ ବୁଡି ପାରିବ ଓ ମାଛ ମାନଙ୍କର ଖେଳ ଦେଖି ପାରିବ ।

ସମୁଦ୍ରର ଢେଉମାନଙ୍କୁ ଦେଖି ସେ ଭାବୁଥିଲା, ନିଶ୍ଚୟ ସେ ଦିନେ ଏଇ ବିରାଟ ଫେନିଳ ଢେଉମାନଙ୍କୁ ପାରି ହୋଇଯିବ ଓ ସମୁଦ୍ର ସେପଟେ କ'ଣ ଅଛି ଦେଖିପାରିବ ।

Digitized by srujanika@gmail.com



ଏବଂ ସଂଜହେଲେ, ଯେତେବେଳେ ଘରର ସମସ୍ତେ ଥଣ୍ଡା ନିମ୍ବ ଗଛ ତଳେ ଶୋଇ ପଡୁଥିଲେ, ମୁଠୁ ଆକାଶ ଆଡକୁ ଚାହିଁ ରହୁଥିଲା । ଆକାଶରେ ଚନ୍ଦ୍ରକୁ ଦେଖି ସେ ସବୁବେଳେ ଭାବୁଥିଲା ଦିନେ ନା ଦିନେ ସେ ଚନ୍ଦ୍ରକୁ ଛୁଇଁ ପାରିବ ।

Digitized by srujanika@gmail.com

ମୁଠୁ ତା'ର ବାପାଙ୍କୁ ଦେଖିଥିବା ସ୍ୱପ୍ନ କଥା କହିଲା । ତା'ର ବାପା କହିଲେ, "ଲୋକେ ଉଡି ପାରନ୍ତି ନାହିଁ । ଜଳ ଭିତରେ ଲୋକମାନେ ରହି ପାରନ୍ତି ନାହିଁ । ଲୋକେ ସମୁଦ୍ରକୁ ପାରି ହୋଇ ପାରନ୍ତି ନାହିଁ । ଏହା ବହୁତ ବଡ ଅଟେ ।

ଏବଂ ମଣିଷ ତ କେବେ ଚନ୍ଦ୍ରକୁ ଛୁଇଁ ପାରେ ନାହିଁ ! ତେଣୁ ଏତେ ଭାବିବା ବନ୍ଦ କରିଦେ ଏବଂ ଯା' ଶୋଇ ପଡ !"

Digitized by srujanika@gmail.com

ମୁଠୁ ତା ଭାଇମାନଙ୍କୁ ତା'ର ସ୍ୱପ୍ନଗୁଡ଼ିକ ବିଷୟରେ କହିଲା । ସେମାନେ ହସିଲେ ଓ କହିଲେ, "ହେଃ, ଆମ ଭିତରୁ କାହା ଭଳି ତ ତୁ ଶୀଘ୍ର ଦୌଡ଼ି ପାରୁନାହିଁ ଆଉ ଆକାଶରେ ଉଡ଼ିବାକୁ ଚାହୁଁଚୁ ! ହାଃ, ହାଃ !!"



ମୁଠୁ ତା'ର ଭଉଣୀମାନଙ୍କୁ ତା' ସ୍ୱପ୍ନ କଥା କହିଲା । ସବା ବଡ ଭଉଣୀ କହିଲା, "ମୁଠୁ, ମୁଠୁ, ତୁ ଯେବେ ଆକାଶରେ ଉଡ଼ିବା ଶିଖିବୁ, ମୁଁ ମଧ୍ୟ ତୋ ସହ ଆସିବି ।"

Digitized by srujanika@gmail.com



ସବା ସାନ ଭଉଣୀ କହିଲା, "ମୁଠୁ ମୁଠୁ, ତୁ ଯେତେବେଳେ ଚନ୍ଦ୍ରରେ ପହଞ୍ଚିବୁ, ମତେ ମଧ୍ୟ କହିବୁ - କେମିତି ସେଠି ପହଞ୍ଚିବାକୁ ହେବ ।"



ମଝିଆଁ ଭଉଣୀଟି କହିଲା, "ମୁଠୁ, ମୁଠୁ, ମୁଁ କାହିଁକି ତୋ ଭଳି ସ୍ୱପ୍ନ ସବୁ ଦେଖିପାରୁନି ?"

Digitized by srujanika@gmail.com

ତା'ପରେ ଦିନେ ସେ ଗାଁକୁ ଲୋକ ଜଣେ ଆସିଲେ । ତାଙ୍କର କିଛି ବହି ଓ ବ୍ୟାଗଟିଏ ଥିଲା । ସେ କହିଲେ, ସେ ଜଣେ ଶିକ୍ଷକ । ଯେଉଁ ନିମ୍ବ ଗଛ ତଳେ ମୁଠୁ ତା'ର ସ୍ୱପ୍ନ ସବୁ ଦେଖୁଥିଲା, ସେଇଠି ସେ ତାଙ୍କର ବିଦ୍ୟାଳୟ ଖୋଲିଲେ ।

ଶିକ୍ଷକ ଜଣକ ତାକୁ ବହୁତ ନୂଆ କଥା ପଢାଇଲେ । ପଢ଼ିବା ଓ ଲେଖିବା, ଚିତ୍ର କରିବା ଓ ଗୀତ ଗାଇବା ସବୁ ସେ ଶିଖାଇଲେ ।



ସେ ମୁଠୁ ଓ ଅନ୍ୟ ପିଲାମାନଙ୍କୁ ଅନେକ ଆଶ୍ଚର୍ଯ୍ୟ ଭରା କାହାଣୀ କହିଲେ ।

Digitized by srujanika@gmail.com

ମୁଠୁ ତା'ର ଶିକ୍ଷକଙ୍କୁ ବହୁତ ଭଲ ପାଇଲା ଏବଂ ତାଙ୍କୁ ତା'ର ସ୍ୱପ୍ନ ଗୁଡ଼ିକ କଥା କହିଲା । ଶିକ୍ଷକ ତା' କଥାକୁ ଗୁରୁତ୍ୱ ସହକାରେ ଶୁଣିଲେ ଓ କହିଲେଃ "ଯଦିଓ ତୋ'ର କେବେ ପକ୍ଷ ଉଠିବ ନାହିଁ, କିନ୍ତୁ ତୁ ନିଶ୍ଚୟ ଉଡ଼ି ପାରିବୁ । ଉଡ଼ାଜାହାଜ ତତେ ଉଚ୍ଚକୁ ନେଇଯିବ । ପକ୍ଷୀମାନଙ୍କ ଉଡ଼ିବା ଠାରୁ ଆହୁରି ଉଚ୍ଚକୁ ନେଇଯିବ ।"

Digitized by srujanika@gmail.com

''ମାଛ ଭଳି ଯଦିଓ ତୋ'ର ପକ୍ଷ ହେବ ନାହିଁ, ତୁ କିନ୍ତୁ ବୁଡା ଜାହାଜ ଦ୍ୱାରା ପାଣିରେ ବୁଡିପାରିବୁ ଏବଂ ତୁ ଯେତେ ଗଭୀରକୁ ଯିବାକୁ ଭାବିବୁ, ତାଠାରୁ ଆହୁରି ଗଭୀରକୁ ଯାଇ ପାରିବୁ ।

ଆଉ ତୁ ଯଦି ସମୁଦ୍ର ଆର ପାଖରେ କ'ଣ ଅଛି ଦେଖିବାକୁ ଚାହୁଁ, ତେବେ ବଡ ସମୁଦ୍ର – ଜାହାଜରେ ଯାଇ ପାରିବୁ । ହଁ, କେବେ ହେଲେ ଢେଉମାନଙ୍କୁ ଦେଖି ଡରି ଯିବୁନି ।''

Digitized by srujanika@gmail.com

"ଆଉ - - - - - ହଁ, ଚନ୍ଦ୍ର ! ଦିନ ଥିଲା, ଯେତେବେଳେ ଚନ୍ଦ୍ର ଆମ ପାଇଁ ଏକ ସୁଦୂର କଳ୍ପନା ହୋଇ ରହିଥିଲା । କିନ୍ତୁ ବାବୁରେ, ମଣିଷ ତ ଏବେ ଚନ୍ଦ୍ରରେ ପହଞ୍ଚି ପାରିଛି ।





ଏମିତି ବି ହୋଇପାରେ ତୁ ଗାଗାରିନ୍ ଅଥବା ରାକେଶ ଶର୍ମାଙ୍କ ଭଳି ମହାକାଶଚାରୀ ହେବୁ । ଏବଂ ସେତେବେଳେ ତୁ ମଧ୍ୟ ଚନ୍ଦ୍ରକୁ ଛୁଇଁ ପାରିବୁ ।"

Digitized by srujanika@gmail.com

ମୁଠୁ ସବୁ ଶୁଣିଲା । ତା'ର ଅନ୍ତର ଆନନ୍ଦ ଓ ଆଶାରେ ଭରିଗଲା ।

ସେ ବଢ଼ିଉଠିବ ଓ ଉଡାଜାହାଜ ଚାଳକ ହେବ, ନାବିକ,
ଆବିଷ୍କାରକ ବା ମହାକାଶଚାରୀ ବି ହୋଇପାରିବ ।

Digitized by srujanika@gmail.com



କିମ୍ବା ହୁଏତ ସେ ଜ୍ଞାନୀ ଶିକ୍ଷକଟିଏ ହେବ । ଏବଂ ନିଜ ଭଳି
ଅନ୍ୟ ପିଲାମାନଙ୍କୁ ଶିକ୍ଷା ଦେବ ଯେ ସ୍ୱପ୍ନ ମଧ୍ୟ ସତ ହୋଇପାରେ ।

AJANTA OFFSET PRINTERS. DELHI

Digitized by srujanika@gmail.com